# ଦୃଶ୍ୟ କଳା

"रूपभेदः प्रमाणानि
भावलावण्ययोजनम्
सादृश्यं वर्णिकाभंग
इति चित्रं षडंगकम्।।"

ରୂପଭେଦଃ ପ୍ରମାଣାନି
ଭାବଲାବଣ୍ୟଯୋଜନମ୍
ସାଦୃଶ୍ୟଂ ବର୍ଣିକାଭଂଗ
ଇତି ଚିତ୍ରଂ ଷଡଙ୍ଗକମ୍ ।।

**ଅର୍ଥତ୍**
କଳାର ଛଅଟି ଅଙ୍ଗ ହେଲା:

- ଭେଷ ବିଷୟରେ ଜ୍ଞାନ,
- ତୁଳନା,
- ଭାବନା,
- ସୌନ୍ଦର୍ଯ୍ୟବିଜ୍ଞାନ,
- ସମାନତା,
- ଉପକରଣ ଏବଂ ରଙ୍ଗର ଦକ୍ଷ ବ୍ୟବହାର ।

ଉତ୍ସ: ବିଷ୍ଣୁଧର୍ମୋତ୍ତାର ପୁରାଣ



# ଶିକ୍ଷକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ

### ଶ୍ରେଣୀଗୃହ ଏବଂ ଉତ୍ସ

1. ଛାତ୍ରଛାତ୍ରୀମାନେ ଆରାମରେ ବସି କାମ କରିବା ପାଇଁ ପର୍ଯ୍ୟାପ୍ତ ସ୍ଥାନ ରହିଛି ।
2. ଶ୍ରେଣୀଗୃହରେ ପର୍ଯ୍ୟାପ୍ତ ଆଲୋକ ଏବଂ ଭେଣ୍ଟିଲେସନ୍ ରହିଛି ।
3. ପାଣିପାଗ ଅନୁକୂଳ ହେଲେ ବାହାରେ ବସିବାର ବିକଳ୍ପ ରହିଛି ।
4. କଳା ସାମଗ୍ରୀ, ଉପକରଣ ଓ ମୌଳିକ ଷ୍ଟେସନାରୀ ବ୍ୟବସ୍ଥା ରହିଛି ।
5. ସୁରକ୍ଷିତ ଭାବରେ ସାମଗ୍ରୀ ସଂରକ୍ଷଣ ପାଇଁ ସ୍ଥାନ, ତଥା ସଂଗଠିତ ଉପାୟରେ ଛାତ୍ରଛାତ୍ରୀଙ୍କ କଳାକୃତିର ସଂରକ୍ଷଣର ବ୍ୟବସ୍ଥା ରହିଛି ।
6. କାର୍ଯ୍ୟ ପ୍ରଦର୍ଶନ ଏବଂ ଅଂଶୀଦାର କରିବା ପାଇଁ ଡିସ୍ପ୍ଲେ ବୋର୍ଡ, ଯାହା ନିୟମିତ ଭାବରେ ପରିବର୍ତ୍ତନ କରାଯିବାର ବ୍ୟବସ୍ଥା ରହିଛି ।
7. ଛାତ୍ରଛାତ୍ରୀଙ୍କୁ କ୍ଷେତ୍ର ଅଧ୍ୟୟନ ପାଇଁ ଭ୍ରମଣରେ ନେବା, ସଂଗ୍ରହାଳୟ ପରିଦର୍ଶନ କିମ୍ବା ବିଦ୍ୟାଳୟ ପରିସରରେ କଳା କର୍ମଶାଳା ଆୟୋଜନ କରିବାର ସୁବିଧା ରହିଛି ।
8. ପ୍ରାସଙ୍ଗିକ ଚିତ୍ର, ଭିଡିଓ ଏବଂ ଅନ୍ୟାନ୍ୟ କଳ ଉତ୍ସ ଦେଖାଇବା ପାଇଁ ପ୍ରୋଜେକ୍ଟର, କମ୍ପ୍ୟୁଟର, ସ୍ପିକର ଏବଂ ଅନ୍ୟାନ୍ୟ ସୁବିଧା ରହିଛି ।

### ଶିକ୍ଷାବିଜ୍ଞାନ

1. ଛାତ୍ରମାନଙ୍କୁ ସେମାନଙ୍କର ନିଜର ଧାରଣା, କଳ୍ପନା, ଭାବନା ଏବଂ କୌତୂହଳକୁ ପ୍ରକାଶ କରିବାକୁ ଉତ୍ସାହିତ କର ଏବଂ ସେମାନଙ୍କର ମୌଳିକତା ଏବଂ ନିରୀହତାକୁ ସେମାନଙ୍କ କାର୍ଯ୍ୟରେ ପ୍ରତିଫଳିତ ହେବାକୁ ଦିଅନ୍ତୁ ।
2. ଏପରି କାର୍ଯ୍ୟକଳାପକୁ ପ୍ରାଥମିକତା ଦିଅନ୍ତୁ ଯାହା ଛାତ୍ରମାନଙ୍କୁ ଶ୍ରେଣୀଗୃହରେ ଅନୁସନ୍ଧାନ, ଅନ୍ବେଷଣ, ପରୀକ୍ଷଣ ଏବଂ ସଂଳାପିତ କରିବାକୁ ଅନୁମତି ଦିଏ ।
3. ଆଉଟଡୋର କାର୍ଯ୍ୟକଳାପ, କ୍ଷେତ୍ର ଅଧ୍ୟୟନ ନିମନ୍ତେ ସଂଗ୍ରହାଳୟ, ସିବିସିଏସ୍, ଆର୍ଟ ଗ୍ୟାଲେରୀ, ଆର୍ଟ ଷ୍ଟୁଡିଓ ସହିତ ସ୍ଥାନୀୟ ପାର୍କ, ବଗିଚା, ବଜାର, ପର୍ବପର୍ବାଣୀ ଏବଂ ମେଳା ଆଦିକୁ ଭ୍ରମଣର ଅନ୍ତର୍ଭୁକ୍ତ କର, ଯେଉଁଠାରେ ଛାତ୍ରଛାତ୍ରୀମାନେ ସେମାନଙ୍କ ଆଖପାଖ ଜୀବନ ଏବଂ ସଂସ୍କୃତିକୁ ଦେଖିବାର ସୁଯୋଗ ପାଆନ୍ତି ।
4. ସ୍ଥାନୀୟ କଳାକାର ଏବଂ କାରିଗରମାନଙ୍କୁ ଇଣ୍ଟରଆକ୍ଟିଭ୍ ଅଧିବେଶନ, ହସ୍ତଗତ ଅଭିଜ୍ଞତା ପାଇଁ କର୍ମଶାଳାରେ ନିମନ୍ତ୍ରଣ କର ।
5. କାମ କରିବା ପରେ ସଫା କରିବା, ବ୍ୟବହୃତ ସାମଗ୍ରୀକୁ ଫେରାଇ ଆଣିବା ଏବଂ ସାବଧାନତାର ସହ କଳା ସାମଗ୍ରୀର ରକ୍ଷଣାବେକ୍ଷଣ କରିବାର ସରଳ ଅଭ୍ୟାସ ସୃଷ୍ଟି କର ।
6. କଳାକୃତି ଚୟନ ଏବଂ ପ୍ରଦର୍ଶନରେ ନିଷ୍ପତ୍ତି ନେବାରେ ଛାତ୍ରମାନେ ଅଂଶଗ୍ରହଣ କରିବା ଉଚିତ୍ ।
7. ଛାତ୍ରମାନଙ୍କୁ ଦେଖାଇବା ପାଇଁ ବୋର୍ଡ କିମ୍ବା ନୋଟ୍ ବୁକ୍ ରେ ଚିତ୍ରାଙ୍କନ କରିବାଠାରୁ ଦୂରେଇ ରୁହନ୍ତୁ ।
8. ପଢ଼ିବା ସମୟରେ ଛାତ୍ରଛାତ୍ରୀମାନେ କଳାର ଉପାଦାନ- ରେଖା, ଆକୃତି, ରୂପ, ରଙ୍ଗ, ମୂଲ୍ୟ, ଗଠନ ଓ ସ୍ଥାନ ଉପରେ ଆଲୋକପାତ କରିଥାନ୍ତି ।
9. 'ଅବ୍ୟାହତ ରଖିବା' ଶୀର୍ଷକ ଅଧୀନରେ କାର୍ଯ୍ୟକଳାପ ହେଉଛି ଅଭ୍ୟାସର ସମ୍ପ୍ରସାରଣ ଏବଂ ଏହା ଘରେ କିମ୍ବା ବିଦ୍ୟାଳୟରେ କରାଯାଇପାରିବ ।

© NCERT not to be republished



୧ମ ଅଧ୍ୟାୟ

# ବସ୍ତୁ ଏବଂ ସ୍ଥିର ଜୀବନ

0680CH01

ପ୍ରଥମ ଅଧ୍ୟାୟକୁ ସ୍ୱାଗତ, ଯେଉଁଠାରେ କଳାରେ ତୁମ ଦୃଶ୍ୟ ବସ୍ତୁ ଏବଂ ସ୍ଥିର ଜୀବନର ଦୁନିଆ ମାଧ୍ୟମରେ ଏକ କାହାଣୀ ବର୍ଣ୍ଣନା କରିବ । ସ୍ଥିର ବସ୍ତୁଗୁଡ଼ିକରେ ଜୀବନ ଯୋଡିବା ଶିଖିବ ।

**କେମିତି ?**

- ସେମାନଙ୍କ ସହ କିପରି ଯୋଡ଼ି ହେବେ ତାହା ଶିଖି।
- ସେମାନଙ୍କୁ ନେଇ ଏକ କାହାଣୀ ନିର୍ମାଣ କରି।
- ରଚନାତ୍ମକ ବ୍ୟବସ୍ଥାକୁ ଅନୁଧ୍ୟାନ କରି ।
- ସେମାନଙ୍କ ଉପରେ କିପରି ଆଲୋକ ପଡୁଛି ତାହା ଦେଖି ଶେଡ୍ ଓ ଛାୟା ସୃଷ୍ଟି କରି ।
- ଯଦିଓ ସେମାନେ ଗୋଟିଏ ବିନ୍ଦୁରୁ ଅଲଗା ଦେଖାଯାଆନ୍ତି, ତେବେ ସେମାନେ ଅନ୍ୟ ଦୃଷ୍ଟିକୋଣରୁ କିପରି ଅଲଗା ।

ପ୍ରତ୍ୟେକ ଚିତ୍ର ତୁମ ପର୍ଯ୍ୟବେକ୍ଷଣକୁ ଗଭୀର କରିବ ଏବଂ ତୁମେ ନିଜ ଆଖପାଖରେ ଥିବା ବସ୍ତୁଗୁଡ଼ିକୁ ଅନୁଭବ କରିବା ସହିତ ଚିତ୍ରଣ କରିବା ଆରମ୍ଭ କରିବ ।

ପ୍ରତ୍ୟେକ କାର୍ଯ୍ୟକଳାପ ତୁମ ଆକୃତି ଚିହ୍ନଟ କରିବାର ଦକ୍ଷତାକୁ ତୀକ୍ଷ୍ଣ କରିବ (ଦ୍ୱୈତ-ଡାଇମେନସିଓନାଲ)। ବସ୍ତୁଗୁଡ଼ିକରେ ଗଭୀରତା ଯୋଡି କିପରି ରୂପ ସୃଷ୍ଟି କରାଯିବ ତାହା ତୁମେ ବୁଝିପାରିବ, ଯାହା ଏହାକୁ ତ୍ରିମୁଖୀ ଦେଖାଇବ ।

ଫ୍ଲିପ୍ ବୁକ୍ ତିଆରି କରିବା ଭଳି ଆକର୍ଷଣୀୟ କାର୍ଯ୍ୟକଳାପ ମଧ୍ୟ ପାଇବେ। ତେଣୁ ନିଜର ସୃଜନଶୀଳତାକୁ ଜାଗ୍ରତ କରିବାକୁ ପ୍ରସ୍ତୁତ ହୁଅ ଏବଂ ତୁମ କଳାତ୍ମକ ପ୍ରତିଭାକୁ ପୋଷଣ କର ।



ସ୍ଥିର ଜୀବନ



ଜଣେ ଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ
ବସ୍ତୁର ବିବିଧତା ପ୍ରଦର୍ଶନ କରୁଥିବା ଏକ ଚିତ୍ର

© NCERT not to be republished







ଛାତ୍ରଛାତ୍ରୀମାନେ ବିଭିନ୍ନ ଉପାୟରେ ବସ୍ତୁ ଚିତ୍ରଣ କରୁଛନ୍ତି

## କାର୍ଯ୍ୟକଳାପ ୧: ଚତୁର୍ପାର୍ଶ୍ୱର ବସ୍ତୁଗୁଡିକୁ ଅନୁସନ୍ଧାନ କରିବା

ତୁମ ଚତୁର୍ପାର୍ଶ୍ୱକୁ ଦେଖ ଏବଂ ବିଭିନ୍ନ ବସ୍ତୁକୁ ନିରୀକ୍ଷଣ କର। ପ୍ରତ୍ୟେକ ବସ୍ତୁ କେଉଁ ପଦାର୍ଥରେ ନିର୍ମିତ ? ସେମାନେ କାହିଁକି ଏକ ନିର୍ଦ୍ଦିଷ୍ଟ ଆକୃତିର ଅଟନ୍ତି ସେ ବିଷୟରେ ଟିକେ ଅଟକି ଚିନ୍ତା କର । ସେମାନଙ୍କର ଆକୃତି ଏବଂ ରୂପ ପଛରେ କିଛି କାରଣ ଅଛି କି ? ଏହାବ୍ୟତୀତ, ଏହି ବସ୍ତୁଗୁଡ଼ିକର ଚାରିପାଖରେ ଥିବା ସ୍ଥାନକୁ ମଧ୍ୟ ନିରୀକ୍ଷଣ କର । ଚାରିଆଡ଼େ ବୁଲି ବସ୍ତୁଗୁଡ଼ିକୁ ବିଭିନ୍ନ କୋଣରୁ ନିରୀକ୍ଷଣ କର । କିଛି ସମୟ ପର୍ଯ୍ୟବେକ୍ଷଣ କରିବା ପରେ, ତୁମେ ଅଙ୍କନ କରିବାକୁ ଚାହୁଁଥିବା ଦୁଇ କିମ୍ବା ତିନୋଟି ବସ୍ତୁ ଚୟନ କର ।

## କାର୍ଯ୍ୟକଳାପ ୨: ବିଭିନ୍ନ ଦିଗରୁ ବସ୍ତୁ ଆଙ୍କନ କରିବା

ପ୍ରତ୍ୟେକ ବ୍ୟକ୍ତି ଭିନ୍ନ ଭିନ୍ନ ଚିତ୍ର ଆଙ୍କିଥାନ୍ତି । ଏହା ସେମାନଙ୍କ ଅଭିବ୍ୟକ୍ତିକୁ ଅନନ୍ୟ କରିଥାଏ । ଏଠାରେ କିଛି ଧାରଣା ଅଛି ଯାହାକୁ ତୁମେ ଚେଷ୍ଟା କରିପାରିବ :

1. ତୁମେ ଗୋଟିଏ ନିରନ୍ତର ରେଖା ବ୍ୟବହାର କରି ଏକ ବସ୍ତୁ ଅଙ୍କନ କରିପାରିବ । ଏହାର ଅର୍ଥ, ତୁମେ ବସ୍ତୁ ଆଙ୍କିବା ସମୟରେ କାଗଜରୁ ତୁମ ପେନ୍ସିଲ୍ ଉଠାଇ ପାରିବ ନାହିଁ । ତୁମ ସହପାଠୀମାନଙ୍କୁ ପଚାର ଯେ ସେମାନେ ଏହି ଚିତ୍ରରୁ ବସ୍ତୁକୁ ଚିହ୍ନଟ କରିପାରିବ କି ?
2. ତୁମେ ବସ୍ତୁର ବିଭିନ୍ନ ଅଂଶ ଆଙ୍କିପାରିବ । ଉଦାହରଣ ସ୍ୱରୂପ, ଏକ ପାଣି ବୋତଲ ଆଙ୍କିବା ସମୟରେ, ପ୍ରତ୍ୟେକ ଅଂଶ ( ଏହାର ଠିପି, ବୋତଲ ଇତ୍ୟାଦି) ଅଲଗା ଅଲଗା ଭାବରେ ଅଙ୍କନ କର । ଉଭୟକୁ ତୁଳନା କରି ପାର୍ଥକ୍ୟ ପ୍ରତି ଧ୍ୟାନ ଦିଅ ।
3. ସମାନ ବସ୍ତୁକୁ ତିନୋଟି ଭିନ୍ନ କୋଣରୁ ଆଙ୍କିବାକୁ ଚେଷ୍ଟା କର । ତୁମ ସ୍ଥିତି ପରିବର୍ତ୍ତନ କର କିମ୍ବା ବସ୍ତୁର ସ୍ଥାନ ପରିବର୍ତ୍ତନ କର । ତୁମେ ବସ୍ତୁଟିର ସ୍ଥାନ ଚଟାଣରେ କିମ୍ବା ଟାଙ୍ଗି ମଧ୍ୟ ପାରିବ । ତୁମେ ତୁମର ତିନୋଟି ଚିତ୍ର ସମାପ୍ତ କରିବା ପରେ, ସେଗୁଡ଼ିକୁ ତୁମ ସହପାଠୀଙ୍କ ସହିତ ବିନିମୟ କର। ତିନୋଟି କୋଣ ମଧ୍ୟରୁ କେଉଁଟି ସେମାନଙ୍କୁ ସବୁଠାରୁ ଆକର୍ଷଣୀୟ ଲାଗିଲା ?

### ରିଡଲ୍ (Riddle)

ମୁଁ କିଏ କହିବ କି ?
ତୁମେ ଯେଉଁଠି, ମୁଁ ସେଇଠି
ମୋର ଚେହେରା ନାହିଁ କି ରୂପ ନାହିଁ
ତୁମେ ଦେଖିପାରିବ
ହେଲେ ଛୁଇଁ ପାରିବ ନାହିଁ ।
ମୁଁ କିଏ କହିବ କି ?

ରିଡଲ୍ ର ଉତ୍ତର: ଛାଇ

© NCERT not to be republished

**ଅବ୍ୟାହତ ରଖ :** ଘରେ ମିଳୁଥିବା ବିଭିନ୍ନ ସାମଗ୍ରୀ ଠାବ କର । କାଠ, ଧାତୁ, ମାଟି, ପ୍ଲାଷ୍ଟିକ, କପଡା ଇତ୍ୟାଦିରେ ନିର୍ମିତ ଜିନିଷ ଖୋଜ । ଯେଉଁଠି କିଛି ଆଲୋକ ଅଛି ସେଠାରେ ରଖ । ଏକ ଚିତ୍ରର ରୂପରେଖ ସୃଷ୍ଟି କର ଏବଂ ଅନ୍ଧାର ଏବଂ ଆଲୋକ ଅଞ୍ଚଳଗୁଡିକର ଚିତ୍ର କରିବାକୁ ଚେଷ୍ଟା କର । ଛାଇର ରଙ୍ଗ ଏବଂ ଆକୃତିକୁ ଧ୍ୟାନ ଦିଅ, ଏବଂ ଏଗୁଡ଼ିକୁ ତୁମ ଚିତ୍ରରେ ଅନ୍ତର୍ଭୁକ୍ତ କର ।





ଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଆଲୋକ ଏବଂ ଛାୟା ଦର୍ଶାଉଥିବା କଳାକୃତି

## କାର୍ଯ୍ୟକଳାପ ୩ : ଆଲୋକ ଏବଂ ଛାୟା

ବିଭିନ୍ନ ଜିନିଷକୁ ତୁମ ସାମ୍ନାରେ ରଖ ।

- ସେଗୁଡ଼ିକର ଆକୃତି, ରଙ୍ଗ, ଛାୟା ଏବଂ ପ୍ରତ୍ୟେକ ଜନିଷରେ ଉପରେ ଆଲୋକ କିପରି ପଡୁଛି ସେସବୁକୁ ନିରୀକ୍ଷଣ କର ।
- ସେଗୁଡ଼ିକର ଛାୟାର ଆକାର କ'ଣ ?
- ବସ୍ତୁର କେଉଁ ପାର୍ଶ୍ୱରେ ତୁମେ ସେଗୁଡ଼ିକର ଛାୟା ଦେଖୁଛ ?

ଏକ ପେନ୍ସିଲ୍ ବ୍ୟବହାର କର ଏବଂ କିଛି ନୂତନତାକୁ ପରୀକ୍ଷା କର । ଯେହେତୁ ତୁମେ ଯେକୌଣସି ଦିଗରେ ରିଦମିକ୍ ଷ୍ଟ୍ରୋକ୍ ସୃଷ୍ଟି କରିପାର ତେଣୁ ଚାପ ପରିବର୍ତ୍ତନ କର । ତୁମେ ଆଲୋକ ଏବଂ ଅନ୍ଧାର ସୃଷ୍ଟି କରିବାକୁ ସକ୍ଷମ କି ?

ତୁମେ ଏହାକୁ ଏକ ପୃଥକ କାଗଜ କିମ୍ବା ଚିତ୍ରାଙ୍କନ ପୁସ୍ତକରେ ଅଭ୍ୟାସ କରିବା ପରେ, ତୁମ ସମ୍ମୁଖସ୍ଥ ବସ୍ତୁଗୁଡିକ ଅଙ୍କନ କର ।

ବସ୍ତୁଗୁଡ଼ିକର ରୂପରେଖ ମଧ୍ୟରେରେ, ଆଲୋକରୁ ମଧ୍ୟମ, ମଧ୍ୟମରୁ ଅନ୍ଧାର ପର୍ଯ୍ୟନ୍ତ ପେନ୍ସିଲ୍ ଷ୍ଟ୍ରୋକ୍ ସୃଷ୍ଟି କର । ଏହାବ୍ୟତୀତ ଛାୟାଗୁଡ଼ିକୁ ନିରୀକ୍ଷଣ କର ଏବଂ ଏହାକୁ ତୁମ ଚିତ୍ରରେ ଦେଖାଅ ।

ତୁମେ ଜାଣ କି

ଅମୃତା ଶେର-ଗିଲ ଜଣେ ଗୁରୁତ୍ୱପୂର୍ଣ୍ଣ ଆଧୁନିକ ଭାରତୀୟ ମହିଳା କଳାକାର। ସେ ୧୯୧୩ ମସିହାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ମା' ହଙ୍ଗେରୀର ଏବଂ ବାପା ଭାରତରୁ ଥିଲେ । ସେ ପ୍ୟାରିସରେ କଳା ଅଧ୍ୟୟନ କରିଥିଲେ। ୨୧ ବର୍ଷ ବୟସରେ ସେ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ । ସେ ତାଙ୍କ କ୍ୟାନଭାସ୍, ତୈଳ ରଙ୍ଗ ଏବଂ ବ୍ରସ୍ ଧରି ଛୋଟ ସହର ଏବଂ ଗାଁବୁଲିବା ଆରମ୍ଭ କଲେ । ତାଙ୍କ ଚିତ୍ରକଳାରେ ସମୃଦ୍ଧ ମାଟି ରଙ୍ଗ ରହିଛି । ସେ ସାଧାରଣ ଭାରତୀୟ ଲୋକଙ୍କ ଜୀବନ ଓ ଅବସ୍ଥାକୁ ଦେଖି ଗଭୀର ଭାବରେ ପ୍ରଭାବିତ ହୋଇଥିଲେ ଏବଂ ଏହି ବିଷୟବସ୍ତୁ ଉପରେ ଆଧାରିତ ଚିତ୍ରକଳା ନିର୍ମାଣ କରିଥିଲେ ।





ଅମୃତା ଶେର-ଗିଲଙ୍କ ଦ୍ୱାରା ସ୍ଥିର ଜୀବନର ଏକ ଚିତ୍ର

**ଏହି ଚିତ୍ରରେ ଦେଖାଯାଉଥିବା ବସ୍ତୁ, ବ୍ୟବସ୍ଥା, ଆଲୋକ, ଛାଇ ଏବଂ ଛାୟା ବିଷୟରେ ବିଚାର ବିମର୍ଷ କର ।**

## କାର୍ଯ୍ୟକଳାପ ୪: ଜଣେ କଳାକାରଙ୍କ ଦୃଷ୍ଟିରୁ

କଳାକାରମାନଙ୍କର ବସ୍ତୁ ଅଧ୍ୟୟନ କରିବାର ଅଭ୍ୟାସ ରହିଛି । ସେମାନେ ବସ୍ତୁଗୁଡ଼ିକୁ ଏକତ୍ର ଚିତ୍ରାଙ୍କନ କରିବା, ରଙ୍ଗ ଭରିବା, ମୂର୍ତ୍ତି ଏବଂ ଫଟୋଗ୍ରାଫ୍ ତିଆରି କରିବା ପାଇଁ ବ୍ୟବସ୍ଥା କର । ଏଭଳି କଳାକୃତିକୁ **ସ୍ଥିର ଜୀବନ** କୁହାଯାଏ । ସ୍ଥିର ଜୀବନରେ ବସ୍ତୁର ଚୟନ ଏବଂ ସେଗୁଡ଼ିକୁ କିପରି ସଂଗଠିତ କରାଯାଏ ସେ ବିଷୟରେ ବହୁତ ଚିନ୍ତା କରାଯାଏ ।

ଫୁଲ, ଗଛ, ପନିପରିବା, ଫଳ, ଖାଦ୍ୟ ସାମଗ୍ରୀ, ପୋଷାକ, ଉପକରଣ ଏବଂ ଅନ୍ୟାନ୍ୟ ଘରୋଇ ଜିନିଷ ମଧ୍ୟ ସ୍ଥିର ଜୀବନ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ।

ତୁମେ ଚିନ୍ତା କରୁଛକି ଏହାକୁ କାହିଁକି ସ୍ଥିର ଜୀବନ କୁହାଯାଏ ? ଯଦି କୌଣସି ବସ୍ତୁର ଜୀବନ ନଥାଏ, ତେବେ ତାହା ସ୍ଥିର ଜୀବନ ହେବ କି ?

ସ୍ଥିର ଜୀବନ କଳାକୃତିରେ ସେହି ଜିନିଷଗୁଡ଼ିକୁ ଚିତ୍ରିତ କରାଯାଇଛି ଯାହା 'ସ୍ଥିର' ଏବଂ ଚଳପ୍ରଚଳ କରେ ନାହିଁ। କଳାକୃତି ତିଆରି କରିବା ପ୍ରକ୍ରିୟାରେ ବସ୍ତୁଗୁଡ଼ିକୁ ଏକ ନୂଆ 'ଜୀବନ' ମିଳିଥାଏ । ଜଣାଶୁଣା କଳାକାରଙ୍କ ଦ୍ୱାରା ନିର୍ମିତ ସ୍ଥିର ଜୀବନକୁ ଦେଖ ଏବଂ ତୁମ ଶ୍ରେଣୀରେ ସେବିଷୟରେ ଆଲୋଚନା କର ।

© not to be republished



## କାର୍ଯ୍ୟକଳାପ ୫: ନିଜସ୍ୱ ସ୍ଥିର ଜୀବନ ସୃଷ୍ଟି କର

ଚାରିରୁ ପାଞ୍ଚ ଜଣିଆ ଏକ ଗ୍ରୁପ୍ ତିଆରି କରି ଗୋଟିଏ ଗୋଲରେ ବସ । ମଝିରେ ଦୁଇରୁ ତିନୋଟି ବସ୍ତୁ ରଖ। ବୋତଲ, ଫଳ, ଧାତବ କମ୍ପାସ୍, କାଠ, କପଡ଼ା ଖଣ୍ଡ କିମ୍ବା ତୁମକୁ ଆକର୍ଷିତ କରୁଥିବା ବିଭିନ୍ନ ପଦାର୍ଥରେ ନିର୍ମିତ କୌଣସି ବସ୍ତୁ ରଖିବାକୁ ଚେଷ୍ଟା କର । ବସ୍ତୁଗୁଡ଼ିକୁ ରଖିବା ଏବଂ ସଂଗଠିତ କରିବାର ବିଭିନ୍ନ ଉପାୟ ବିଷୟରେ ତୁମ ଗ୍ରୁପ୍ ରେ ଆଲୋଚନା କର । ବସ୍ତୁଗୁଡିକ ପରସ୍ପରକୁ ସ୍ପର୍ଶ କରିପାରିବେ କିମ୍ବା ତୁମେ ସେଗୁଡ଼ିକୁ ଚାରିଆଡ଼େ ବିଛୁରିତ କରିପାରିବ । ନିଶ୍ଚିତ କର ଯେ ଗୋଲରେ ବସିଥିବା ତୁମ ବନ୍ଧୁମାନେ ବସ୍ତୁର ବ୍ୟବସ୍ଥାକୁ ସ୍ପଷ୍ଟ ଭାବରେ ଦେଖିପାରିବେ।

ନିଜର ସ୍ଥିର ଜୀବନ ସୃଷ୍ଟି କରିବା ପାଇଁ ବସ୍ତୁଗୁଡ଼ିକୁ ନିରୀକ୍ଷଣ କର ଏବଂ ଆକର୍ଷଣୀୟ ଢଙ୍ଗରେ ଅଙ୍କନ କର ।



© NCERT not to be republished



## କାର୍ଯ୍ୟକଳାପ ୬ : ଆସବାବପତ୍ରର ଛବି ଆଙ୍କିବା

ବିଦ୍ୟାଳୟରେ ଏବଂ ଘରେ ତୁମେ କେଉଁ ପ୍ରକାରର ଆସବାବପତ୍ର ଦେଖ ? ଯେକୌଣସି ଦୁଇ କିମ୍ବା ତିନୋଟି ଆସବାବପତ୍ର ବସ୍ତୁକୁ ନିରୀକ୍ଷଣ କର ଏବଂ ଅଙ୍କନ କର। ପ୍ରକୃତ ବସ୍ତୁଗୁଡିକ ସହିତ ତୁମ ଚିତ୍ରଗୁଡିକୁ ତୁଳନା କର । ତୁମେ ଆଙ୍କିଥିବା ସିଧା ରେଖା, କୋଣ ଏବଂ ଆକୃତିକୁ ବସ୍ତୁର ସିଧା ରେଖା, କୋଣ ଏବଂ ଆକୃତି ସହିତ ତୁଳନା କର ।

ତୁମ ଚିତ୍ରଗୁଡିକୁ ଏପରି ସମ୍ପାଦନା କର ଯାହା ଦ୍ୱାରା ଏହା ବସ୍ତୁଚାରିପଟର ପରିମାପ ଏବଂ ଗଭୀରତା ପ୍ରକାଶ କରିବ । ଏହାକୁ ଦୃଷ୍ଟିକୋଣ କୁହାଯାଏ । ଏହା ଆମକୁ ତ୍ରି-ଡାଇମେନ୍ସନାଲର ଅନୁଭବ ଦେଇଥାଏ ଯେମିତି କି ଆମେ ଏହାକୁ ଆମ ସାମ୍ନାରେ ଦେଖୁଛୁ ।

ଛୋଟ ଛୋଟ ଗ୍ରୁପ୍ ରେ, ତୁମ ସହକର୍ମୀଙ୍କ କାର୍ଯ୍ୟକୁ ଦେଖ ଏବଂ ବିଶ୍ଳେଷଣ କର ଯାହାର କାର୍ଯ୍ୟର ଦୃଷ୍ଟିକୋଣ ରହିଛି । ଦୃଷ୍ଟିକୋଣ ଦେଖାଇବାରେ ସାହାଯ୍ୟ କରୁଥିବା ରେଖା, ଆକୃତି ଏବଂ ରୂପଗୁଡିକ ଚିହ୍ନଟ କର ।

**ଅଭ୍ୟାସ କର :** କବାଟ, ଝରକା, ପାଇପ୍, ଟ୍ୟାପ୍, ଶଟର, ଫ୍ୟାନ୍ ଏବଂ ଲାଇଟ୍ ଭଳି କୋଠାଘରର ଏକ ଏକ ଅଂଶ ଭାବେ ଥିବା ପ୍ରତି ଜିନିଷଗୁଡ଼ିକୁ ନିରୀକ୍ଷଣ କର ଏବଂ ଅଙ୍କନ କର ।



© NCERT not to be republished

## କାର୍ଯ୍ୟକଳାପ ୭ : ଏକ ଫ୍ଲିପ୍ ବୁକ୍ ତିଆରି କରିବା

ଯଦି ତୁମେ ତୁମ ଚିତ୍ରରେ ତୁମ ବସ୍ତୁଗୁଡ଼ିକୁ ଗତିଶୀଳ କରାଇ ପାରିବ ତେବେ ଏହା ମଜାଦାର ହେବ ନାହିଁ କି ? ଫ୍ଲିପ୍ ବୁକ୍ ତିଆରି କରି ତୁମେ ଏହା କରିପାରିବ । ନିମ୍ନ ନିର୍ଦ୍ଦେଶାବଳୀ ଅନୁସରଣ କର :

ଷ୍ଟେପ୍ 1



**ଷ୍ଟେପ 1:** ଗୋଟିଏ A4 ସିଟ୍ କୁ ଆଠଟି ସମାନ ଖଣ୍ଡରେ କାଟି ଏକ ଗଦା ତିଆରି କର । ଏକାଠି କରି ଗୋଟିଏ ପାର୍ଶ୍ୱରେ ପିନ୍ ଲଗାଅ । ଏବେ ତୁମ ପୁସ୍ତକ ପ୍ରସ୍ତୁତ ଅଛି!

**ଷ୍ଟେପ୍ 2:** ଫ୍ଲିପ୍ ବୁକ୍ ର ଶେଷ ପୃଷ୍ଠାରେ, ଏକ ବସ୍ତୁ ଚୟନ କର ଏବଂ ଏହାକୁ ଡାହାଣ ପାର୍ଶ୍ୱର ଧାର ନିକଟରେ ଅଙ୍କନ କର । ଏକ ପେନ୍ସିଲ୍ ରେ ଅଙ୍କନ କର ଏବଂ ଯଦି ତୁମକୁ ପସନ୍ଦ ତେବେ ଅନ୍ୟ ବିବରଣୀ ଯୋଡ । ଯେତେବେଳେ ତୁମେ ତୁମ ଚିତ୍ରରେ ଖୁସି, ସେବେ ଏହାକୁ ଏକ ମାର୍କର୍ ସାହାଯ୍ୟରେ ଚିହ୍ନିତ କର ।

ଷ୍ଟେପ୍ 2



ଷ୍ଟେପ୍ 3



ଷ୍ଟେପ୍ 4



ଷ୍ଟେପ୍ 5



ଷ୍ଟେପ୍ 6



ଷ୍ଟେପ୍ 7



**ଷ୍ଟେପ 3 - 6:** ବର୍ତ୍ତମାନ, ତୁମ ବସ୍ତୁରେ ଗତିବିଧି ଯୋଡିବାର ସମୟ ! ଫ୍ଲିପ୍ ବୁକ୍ ର ଦ୍ୱିତୀୟ ଶେଷ ପୃଷ୍ଠାରେ, ପେନ୍ସିଲ୍ ସାହାଯ୍ୟରେ ପ୍ରଥମ ଚିତ୍ରକୁ ଅନୁସରଣ କର । ବସ୍ତୁର ସ୍ଥିତିକୁ ସାମାନ୍ୟ ପରିବର୍ତ୍ତନ କର । ତୁମେ ସମସ୍ତ ପୃଷ୍ଠାରେ ଅଙ୍କନ କରିବା ପର୍ଯ୍ୟନ୍ତ ଏହି ପଦକ୍ଷେପକୁ ପୁନରାବୃତ୍ତି କର, ପ୍ରତ୍ୟେକଟି ସାମାନ୍ୟ ପରିବର୍ତ୍ତନ ସହିତ ।

**ଷ୍ଟେପ୍ 7:** ତୁମ ଫ୍ଲିପ୍ ବୁକ୍ ର ପୃଷ୍ଠାଗୁଡ଼ିକୁ ଶୀଘ୍ର ଫ୍ଲିପ୍ କର। ତୁମେ ତୁମ ବସ୍ତୁକୁ ଗତି କରୁଥିବାର ଦେଖିବ ।

ଅଧିକ ଗତିବିଧି କରିବାକୁ ତୁମେ ଫ୍ଲିପ୍ ବୁକ୍ ର ପୃଷ୍ଠା ସଂଖ୍ୟା ବୃଦ୍ଧି କରିପାରିବ !

© NCERT not to be republished